# NATIONAL NEWS BULLETIN (ODIA)

**14 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୫ଶହ ବିଲିୟନ୍ ଡଲାରରେ ପହଞ୍ଚାଇବା ଲାଗି ଆମେରିକା ଓ ଭାରତ ଏକମତ ।

- ୨୦୧୯ ପୁଲୱାମା ଆକ୍ରମଣକୁ ପୂରିଲା ୬ ବର୍ଷ ।

– ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ

- ପାକିସ୍ତାନରେ ବୋମା ବିସ୍ଫୋରଣରେ ୧୧ ମୃତ, ୭ ଗୁରୁତର

- ଆଉ କିଛିସମୟ ପରେ ଅନୁଷ୍ଠିତ ହେବ ୩୮ତମ ଜାତୀୟ କ୍ରୀଡ଼ା ଉଦ୍‌ଯାପନୀ ସମାରୋହ ।

ଏବଂ

- ଆଜିଠାରୁ ଆରମ୍ଭ ହେବ ମହିଳା ପ୍ରିମିୟର ଲିଗ୍ ୨୦୨୫

## ଇଣ୍ଡିଆ-ୟୁଏସ୍ କ୍ୟାପ୍ସୁଲ

ଏକବିଂଶ ଶତାବ୍ଦୀରେ ପ୍ରମୁଖ ପ୍ରତିରକ୍ଷା ସହଯୋଗ ପାଇଁ ଭାରତ ଏବଂ ଆମେରିକା ଦଶବର୍ଷିଆ ନୂତନ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ଘୋଷଣା କରିଛନ୍ତି । ୨୦୨୫ ମସିହାରୁ ୨୦୩୫ ପର୍ଯ୍ୟନ୍ତ ଏହି ବୁଝାମଣା ଅନୁଯାୟୀ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସଂପର୍କ ସୁଦୃଢ଼ ହେବ । ୱାଶିଂଟନ୍

ଡିସିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସାକ୍ଷାତ ଆଲୋଚନା ସମୟରେ ଏହି ନିଷ୍ପତ୍ତି ନିଆଯାଇଛି । ଏକ ମିଳିତ ବିବୃତିରେ ଉଭୟ ନେତା କହିଛନ୍ତି, ଆମେରିକା' ଭାରତ ସହିତ ପ୍ରତିରକ୍ଷା ବିକ୍ରୟ ଏବଂ ମିଳିତ ଉତ୍ପାଦନକୁ ଆହୁରି ବୃଦ୍ଧି କରିବ, ଯାହାଫଳରେ ପ୍ରତିରକ୍ଷା ଶିଳ୍ପ ସହଯୋଗ ସୁଦୃଢ଼ ହୋଇପାରିବ ।

ଅନ୍ୟପକ୍ଷରେ ଆମେରିକା-ଭାରତ ବାଣିଜ୍ୟିକ ସଂପର୍କକୁ ଆହୁରି ସୁଦୃଢ଼ କରିବାକୁ ଉଭୟ ନେତା ରାଜି ହୋଇଛନ୍ତି । ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରି ୫୦୦ ବିଲିୟନ୍ ଡଲାରରେ ପହଞ୍ଚାଇବାକୁ ଭାରତ ଓ ଆମେରିକା ନିଷ୍ପତ୍ତି ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ଓ ଆମେରିକା ମଧ୍ୟରେ ଦୃଢ଼ ସହଯୋଗ ଏକ ଉନ୍ନତ ବିଶ୍ୱ ଗଠନ ଦିଗରେ ସହାୟକ ହୋଇପାରିବ ।

**V/O**

ଅନ୍ୟପକ୍ଷରେ ସୀମାପାର ଆତଙ୍କବାଦ ମୂଳୋତ୍ପାଟନ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ଭାରତ ଓ ଅମେରିକା ସହମତି ପ୍ରକାଶ କରିଛନ୍ତି । ସୀମାପାର ଆତଙ୍କବାଦକୁ ସଂପୂର୍ଣ୍ଣ ଭାବେ ଲୋପ କରିବା ଲାଗି ମିଳିତ ପଦକ୍ଷେପ ଅତ୍ୟନ୍ତ ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । **V/O**

ବୈଠକରେ ଆମେରିକା ରାଷ୍ଟ୍ରପତି କହିଛନ୍ତି, ଭାରତ–ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର ନାମକ ବୃହତ୍ତମ ବାଣିଜ୍ୟ ମାର୍ଗ ନିର୍ମାଣରେ ଭାରତ ଏବଂ ଆମେରିକା ମିଳିତ ଭାବେ କାର୍ଯ୍ୟ

କରିବେ । ଆମେରିକା' ଭାରତକୁ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଯୋଗାଣ କରିବା ନେଇ ଏହି ବୈଠକରେ ଘୋଷଣା କରାଯାଇଛି ।

ଏକ ମୁକ୍ତ, ଶାନ୍ତିପୂର୍ଣ୍ଣ ଏବଂ ବିକଶିତ ଭାରତ-ପ୍ରଶାନ୍ତମହାସାଗରୀୟ କ୍ଷେତ୍ରରେ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି । ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ଭାରତ ଚଳିତବର୍ଷ ଶେଷଆଡ଼କୁ କ୍ୱାଡ ଶିଖର ସମ୍ମିଳନୀ ଆୟୋଜନ କରିବ ଏବଂ ଏଥିରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ' ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିମନ୍ତ୍ରଣ କରିଛନ୍ତି ।

ଉଭୟ ଦେଶ ଶକ୍ତି ସୁଲଭତା, ବିଶ୍ୱସନୀୟତା, ଉପଲବ୍ଧତା ଏବଂ ସ୍ଥିର ଶକ୍ତି ଯୋଗାଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଭାରତରେ ଆମେରିକୀୟ ଡିଜାଇନ୍‌ରେ ପରମାଣୁ ରିଆକ୍ଟର ନିର୍ମାଣ କରିବା ଦିରେ ଆଗକୁ ବଢ଼ିବା ଲାଗି ଉଭୟ ନେତା ସହମତ ହୋଇଛନ୍ତି ।

ଦୁଇଦିନିଆ ଆମେରିକା ଗସ୍ତ ସାରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି । ଚଳିତମାସ ୧୦ ତାରିଖରୁ ପ୍ରଧାନମନ୍ତ୍ରୀ ଫ୍ରାନ୍ସ ଓ ଆମେରିକା ଗସ୍ତରେ ଯାଇଥିଲେ ।

# ପିଏମ୍-ପୁଲଓ୍ୱାମା ଆଟାକ୍

୨୦୧୯ରେ ପୁଲଓ୍ୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସେମାନଙ୍କ ବଳିଦାନ ଏବଂ ଦେଶ ପ୍ରତି ଅତୁଟ ସମର୍ପଣକୁ ଆଗାମୀ ପିଢ଼ି କେବେ ବି ଭୁଲିପାରିବେ ନାହିଁ । ଜାମ୍ମୁ କାଶ୍ମୀରର ପୁଲଓ୍ୱାମା ଜିଲ୍ଲାରେ ଭୟଙ୍କର ଆତଙ୍କବାଦୀ

ଆକ୍ରମଣର ଆଜି ୬ ବର୍ଷ ପୂରଣ ହୋଇଥିବା ବେଳେ ଏଥିରେ ୪୦ ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ ।

## ଶାହା ପୁଲଓ୍ୱାମା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ନରେନ୍ଦ୍ର ମୋଦୀ ସରକାର ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଅଭିଯାନ ଚଳାଇଛନ୍ତି ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ସଂପୂର୍ଣ୍ଣ ରୂପେ ବନ୍ଦ କରିବା ଲାଗି ସରକାର ସଂକଳ୍ପବଦ୍ଧ । ୨୦୧୯ ମସିହାରେ ପୁଲଓ୍ୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶ୍ରୀ ଶାହା ସାମାଜିକ ଗଣମାଧମ ପୋଷ୍ଟରେ କହିଛନ୍ତି, ଆତଙ୍କବାଦ ସମଗ୍ର ମାନବ ଜାତିର ସବୁଠାରୁ ବଡ଼ ଶତ୍ରୁ ଏବଂ ସମଗ୍ର ବିଶ୍ୱ ଏହା ବିରୁଦ୍ଧରେ ଏକଜୁଟ ହୋଇଛି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

## ପିଏମ୍- ସମ୍ବାଦ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତ ଓ ଥାଇଲ୍ୟାଣ୍ଡ ମଧ୍ୟରେ ୨ହଜାର ବର୍ଷରୁ ଅଧିକ ସମୟ ଧରି ନିବିଡ଼ ସାଂସ୍କୃତିକ ସଂପର୍କ ରହିଛି । ଥାଇଲ୍ୟାଣ୍ଡରେ ଆୟୋଜିତ ସମ୍ବାଦ କାର୍ଯ୍ୟକ୍ରମକୁ ଆଭାସୀ ଜରିଆରେ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ଭାରତର ଆକ୍ଟ ଇଷ୍ଟ୍ ନୀତି ଏବଂ ଥାଇଲ୍ୟାଣ୍ଡର ଆକ୍ଟ ଓ୍ୱେଷ୍ଟ୍ ନୀତି ପରସ୍ପରର ପରିପୂରକ ଓ ଏହା ଉଭୟ ଦେଶର ପ୍ରଗତି ଓ ସମୃଦ୍ଧିକୁ ପ୍ରୋତ୍ସାହିତ କରୁଛି । ସେ କହିଛନ୍ତି ଏହି ସମ୍ମିଳନୀ ଦୁଇଦେଶ ମଧରେ ବନ୍ଧୁତ୍ୱର ଆଉ ଏକ ସଫଳ ଅଧ୍ୟାୟ । ଏହି

ଅବସରରେ ଶ୍ରୀ ମୋଦୀ ଥାଇଲ୍ୟାଣ୍ଡର ସମୃଦ୍ଧ ସଂସ୍କୃତି, ଇତିହାସ ଓ ଐତିହ୍ୟ ବିଷୟରେ ଆଲୋଚନା କରିଥିଲେ ।

## ପାକ୍-ବମ୍ବ୍ଲାଷ୍ଟ

ପାକିସ୍ତାନରେ ବୋମା ବିସ୍ଫୋରଣ ୧୧ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଗୁରୁତର ଆହତ ହୋଇଛନ୍ତି । ବଲୁଚିସ୍ତାନର ସହରାଗ ଅଞ୍ଚଳରେ ଏହି ବିସ୍ଫୋରଣ ହୋଇଥିବା ପ୍ରାରମ୍ଭିକ ଭାବେ ସୂଚନା ମିଳିଛି । ରାସ୍ତାକଡ଼ରେ ଏକ ବୋମା ରଖାଯାଇଥିବା ବେଳେ କୋଇଲାଖଣି ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରକ୍ ସେହିବାଟ ଦେଇ ଯିବାବେଳେ ବିସ୍ଫୋରଣ ଘଟିଥିଲା । ସୁରକ୍ଷାବଳ ସଂପୂର୍ଣ୍ଣ ଅଞ୍ଚଳକୁ ଘେରାବନ୍ଦି କରି ଗୁରୁତର ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଛି । ଡାକ୍ତରଖାନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବିସ୍ଫୋରଣ ସ୍ଥଳରେ ୯ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ ଜଣଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାରେ ଏପର୍ଯ୍ୟନ୍ତ କୌଣସି ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିନାହାନ୍ତି । ତେବେ ସଂପୃକ୍ତ ଅଞ୍ଚଳରେ ବଲୌଚ ଲିବରେସନ୍ ଆର୍ମି ସକ୍ରିୟ ଥିବାରୁ ବୋମା ବିସ୍ଫୋରଣ ପଛରେ ଏହାର ସଂପୃକ୍ତି ଥିବା ସନ୍ଦେହ କରାଯାଉଛି ।

## ନ୍ୟାସନାଲ ଗେମ୍ସ କ୍ଲୋଜିଂ

୩୮ତମ ଜାତୀୟ କ୍ରୀଡ଼ା ଆଜି ଉଦ୍ଯାପନ ହେବ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ହଲଦ୍ୱାନିରେ ଆୟୋଜିତ ହେବାକୁ ଥିବା ସମାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ । ଗତମାସ ୨୮ ତାରିଖରେ ଡେରାଡୁନ୍‌ର ମହାରଣା ପ୍ରତାପ କ୍ରୀଡ଼ା ମହାବିଦ୍ୟାଳୟରେ ଆୟୋଜିତ ଜାତୀୟ କ୍ରୀଡ଼ାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ ।

୩୮ତମ ଜାତୀୟ କ୍ରୀଡ଼ାରେ ୩୫ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଡେରାଡୁନ୍ ସମେତ ହଲଦ୍ୱାନି, ହରିଦ୍ୱାର ଓ ରୁଦ୍ରପୁର ସହରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏଥିରେ ୨୮ଟି ରାଜ୍ୟ, ୮ଟି କେନ୍ଦ୍ରଶାସିତ ଅଞ୍ଚଳ ଓ ସର୍ଭିସେସ୍ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ଭାଗ ନେଇଥିଲେ ।

ସାରା ଦେଶରୁ ଖେଳାଳିମାନେ ୧ ହଜାର ୫୨୩ଟି ପଦକ ଜିତିଥିବା ବେଳେ ସେଥିମଧ୍ୟରେ ୪୫୭ଟି ସ୍ୱର୍ଣ୍ଣ, ୪୫୫ଟି ରୌପ୍ୟ ଓ ୬୧୧ ଟି ବ୍ରୋଞ୍ଜ ପଦକ ରହିଛି ।

ପଦକ ତାଲିକାରେ ସର୍ଭିସେସ୍ କଣ୍ଟ୍ରୋଲ ବୋର୍ଡ ସର୍ବାଧିକ ୬୭ଟି ସ୍ୱର୍ଣ୍ଣପଦକ ସହ ୧୨୦ଟି ପଦକ ହାସଲ କରିଥିବାବେଳେ ମହାରାଷ୍ଟ୍ର ୫୩ଟି ସ୍ୱର୍ଣ୍ଣ ସହ ୧୯୫ଟି ପଦକ ହାସଲ କରିଛି । ଓଡ଼ିଶାର ଖେଳାଳିମାନେ ୧୪ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୧୭ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ଆଉ କିଛିସମୟ ପରେ ହଲଦ୍ୱାନିର ଅର୍ନ୍ତଜାତୀୟ କ୍ରୀଡ଼ା ପରିସରରେ ସମାପନୀ ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ଅମିତ ଶାହାଙ୍କ ବ୍ୟତୀତ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି, ମେଘାଳୟ ମୁଖ୍ୟମନ୍ତ୍ରୀ କୋଙ୍ଗକାଲ ସାଙ୍ଗମା, କେନ୍ଦ୍ର ସଡ଼କ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ଅଜୟ ତମ୍ତା, କ୍ରୀଡ଼ା ଓ ଯୁବବ୍ୟାପାର ରାଷ୍ଟ୍ରମନ୍ତ୍ରୀ ନିଖିଲ ଖଡ୍ସେ ଓ ଭାରତୀୟ ଅଲମ୍ପିକ୍ ଆସୋସିଏସନ୍ ସଭାପତି ତଥା ସାଂସଦ ପି.ଟି.ଉଷା ଏହି ସମାରୋହରେ ଉପସ୍ଥିତ ରହିବେ ।

# ୱିମେନ୍ ପ୍ରିମିୟର ଲିଗ୍

ମହିଳା ପ୍ରିମିୟର ଲିଗ୍ ୨୦୨୫ ଆଜିଠାରୁ ଆରମ୍ଭ ହେବ । ଭଦୋଦରାରେ ଆଜି ଉଦ୍‌ଘାଟନୀ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜୁରାଟ ଜ୍ୟାଣ୍ଟ୍‌ସ ମୁହାଁମୁହିଁ ହେବେ । ଭାରତୀୟ ସମୟ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ । ସୂଚନା ଅନୁଯାୟୀ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ମହିଳା ପ୍ରିମିୟର ଲିଗ୍‌ର ତୃତୀୟ ସଂସ୍କରଣ ଜାରି ରହିବ ଏବଂ ବ୍ରାବୋର୍ଣ୍ଣ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଖେଳାଯିବ । ଏଥିରେ ଦିଲ୍ଲୀ କ୍ୟାପିଟାଲ୍ସ, ଗୁଜୁରାଟ ଜ୍ୟାଣ୍ଟ୍‌ସ, ୟୁପି ୱାରିୟର୍ସ, ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଭାଗ ନେଉଛନ୍ତି । ଗତବର୍ଷ ମହିଳା ପ୍ରିମିୟର ଲିଗ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିଜୟୀ ହୋଇଥିଲା ।

# ଇଣ୍ଡିଆନ୍ ସୁପର ଲିଗ୍-୨୦୨୪-୨୫

ଇଣ୍ଡିଆନ୍ ସୁପର ଲିଗ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ନର୍ଥଇଷ୍ଟ ୟୁନାଇଟେଡ୍ ଫୁଟବଲ କ୍ଲବ ୨-୦ ଗୋଲ୍‌ରେ ଜାମସେନପୁର ଫୁଟବଲ କ୍ଲବକୁ ପରାସ୍ତ କରିଛି । ଆଇଏସ୍‌ଏଲ୍ ଇତିହାସରେ ପ୍ରଥମଥର ପାଇଁ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିଜୟହାସଲ କରିଛି । ଆସନ୍ତା ୨୦ ତାରିଖରେ ଜାମସେଦପୁର ଏଫ୍‌ସି ମହମ୍ମଦିଆନ ସ୍ପୋର୍ଟିଂ କ୍ଲବ ସହ ମ୍ୟାଚ୍ ଖେଳିବାକୁ ଥିବାବେଳେ ୨୧ ତାରିଖରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ମୁକାବିଲା ହେବ । ଆସନ୍ତକାଲି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।